# D.A.V. PUBLIC SCHOOLS, POKHARIPUT, BBSR
## PERIODIC ASSESSMENT - 1 (2021-2022)
## CLASS – VII
## SUBJECT – LOWER ODIA

**TIME- 60 MINUTES** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

❖ **ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧.ରୁ ୫. ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।** **(୪୦X୧=୪୦)**

ଅଲିମ୍ପିକ୍ସ ବିଶ୍ୱର ସର୍ବବୃହତ୍ ମର୍ଯ୍ୟାଦା ଜନକ ଲୋକପ୍ରିୟ କ୍ରୀଡ଼ା ପ୍ରତିଯୋଗିତା । ଏଥିରେ ଜୟ-ପରାଜୟ ଅପେକ୍ଷା ଅଂଶଗ୍ରହଣ କରି ଶ୍ରେଷ୍ଠତ୍ୱ ପାଇଁ ଲଢ଼େଇ କରିବା ହିଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ସୁସ୍ଥ ଖେଳୁଆଡ ମନୋଭାବ ସହ ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ଯଥାସମ୍ଭବ ପ୍ରୟାସ ହିଁ ଅଲିମ୍ପିକ୍ସର ମୂଳମନ୍ତ୍ର । ବିଶ୍ୱ ମୈତ୍ରୀ , ଶାନ୍ତି ଓ ଭ୍ରାତୃତ୍ୱର ବାର୍ତ୍ତା ବହନ କରେ ଅଲିମ୍ପିକ୍ସ । ୨୦୧୮ ମସିହାରେ ସାଉଥ୍ କୋରିଆର ପ୍ୟାୟଂଚେଙ୍ଗରେ ଅଲିମ୍ପିକ୍ କ୍ରୀଡ଼ା ଆୟୋଜିତ ହୋଇଥିଲା । ଗତବର୍ଷ ଜୁଲାଇ ୨୪ରୁ ଅଗଷ୍ଟ ୯ ଯାଏ ଆୟୋଜନ ହେବାକୁ ଥିଲା ଟୋକିଓ ଅଲିମ୍ପିକ୍ସ ; କିନ୍ତୁ କରୋନା ମହାମାରୀ ଯୋଗୁଁ ଏହାକୁ ବର୍ଷେ ଘୁଞ୍ଚାଇ ଦିଆଯାଇଥିଲା । ୨୩ ଜୁଲାଇ ୨୦୨୧ରୁ ଜାପନାର ରାଜଧାନୀ ଟୋକିଓରେ ଆରମ୍ଭ ହୋଇଛି ଏହି କ୍ରୀଡ଼ାର ମହାକୁମ୍ଭ । ପ୍ରାଚୀନ ଗ୍ରୀସ ଓ ଅଲିମ୍ପିକ୍ କ୍ରୀଡ଼ା ଇତିହାସ କହେ ଯେ , ଅଲିମ୍ପିକ୍ସ କ୍ରୀଡ଼ା ହେଉଛି ପ୍ରାଚୀନ ଗ୍ରୀସର ଅବଦାନ । ଆଜିକୁ ୩ ହଜାର ବର୍ଷ ପୂର୍ବେ ଗ୍ରୀସରେ ଏହା ସୃଷ୍ଟି ହୋଇଥିଲା । ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀ ଯାଏ ପ୍ରାଚୀନ ଗ୍ରୀସ୍‌ରେ ଗ୍ରୀକ୍ ଦେବତା ଜିଉସଙ୍କ ସମ୍ମାନରେ ହେଉଥିବା ଧାର୍ମିକ ଉତ୍ସବ ଅବସରରେ ଆୟୋଜିତ ହେଉଥିଲା ଏକ କ୍ରୀଡ଼ା ପ୍ରତିଯୋଗିତା । ଖ୍ରୀଷ୍ଟପୂର୍ବ ୭୭୬ରେ ପ୍ରଥମ ପ୍ରାଚୀନ ଅଲିମ୍ପିକ୍ କ୍ରୀଡ଼ା ଆୟୋଜିତ ହୋଇଥିବା ଲିପବଦ୍ଧ ପ୍ରମାଣ ରହିଛି । ପ୍ରାଚୀନ ଅଲିମ୍ପିକ୍ ପ୍ରତିଯୋଗିତାରେ କେବଳ ପୁରୁଷମାନେ ହିଁ ଅଂଶଗ୍ରହଣ କରିବା ନିୟମ ଥିଲା । ମହିଳାମାନଙ୍କୁ ଅଲିମ୍ପିକ୍ ପ୍ରତିଯୋଗିତା ଦେଖିବାକୁ ମଧ୍ୟ ଅନୁମତି ନଥିଲା ।

**ପ୍ରଶ୍ନାବଳୀ :**

**୧. ଅଲିମ୍ପିକ୍ କ୍ରୀଡ଼ା କାହାର ଅବଦାନ ?**

(i) ପ୍ରାଚୀନ ରୋମ୍‌ର

(ii) ପ୍ରାଚୀନ ଇଜିପଟ୍‌ର

(iii) ପ୍ରାଚୀନ ଗ୍ରୀସର

(iv) ପ୍ରାଚୀନ ଟୋକିଓର

**୨. ଅଲିମ୍ପିକ୍‌ସରେ ଗୁରୁତ୍ୱପୂର୍ଣ୍ଣ କଥା କ'ଣ ?**

(i) ଜୟ-ପରାଜୟ ଅପେକ୍ଷା ଅଂଶଗ୍ରହଣ କରି ଶ୍ରେଷ୍ଠତ୍ୱ ପାଇଁ ଲଢ଼େଇ କରିବା ।

(ii) ବ୍ୟକ୍ତିଗତ ପରିଚୟ ସୃଷ୍ଟି କରି ସର୍ବସାଧାରଣଙ୍କ ପ୍ରିୟପାତ୍ର ହେବା ।

(iii) ନିଜ ଦେଶର ସମ୍ମାନକୁ ଉଚ୍ଚକୁ ନେବା ପାଇଁ ସତତ ଚେଷ୍ଟିତ ହେବା ।

(iv) କେବଳ ପୁରୁଷମାନେ ଅଂଶ ଗ୍ରହଣ କରିପାରିବେ ।

**୩. ୨୦୧୮ ମସିହାରେ ଅଲିମ୍ପିକ୍ କ୍ରୀଡ଼ା କେଉଁଠାରେ ଅନୁଷ୍ଠିତ ହୋଇଥିଲା ?**

(i) ଲଣ୍ଡନର ଗ୍ରେଟ୍‌ବ୍ରିଟେନ୍

(ii) ବ୍ରାଜିଲ୍‌ର ମାର୍କାନା

(iii) ଜାପାନ୍‌ର ଟୋକିଓ

(iv) ସାଉଥ୍ କୋରିଆର ପ୍ୟାୟଂଚେଙ୍ଗରେ

**୪. ଅଲିମ୍ପିକ୍‌ସର ମୂଳମନ୍ତ୍ର କ'ଣ ?**

(i) ଖେଳଖେଳି ନିଜ ଦେଶର ନାମ ଉଜ୍ଜ୍ୱଳ କରିବା

(ii) ସୁସ୍ଥ ଖେଳୁଆଡ ମନୋଭାବ ସହ ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ଯଥାସମ୍ଭବ ପ୍ରୟାସ

(iii) ସ୍ୱତନ୍ତ୍ରଭାବେ ନିଜର ପରିଚୟ ସ୍ଥାପନା କରିବା ପାଇଁ ଚେଷ୍ଟା

(iv) କରୋନା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା

**୫. ଚଳିତ ବର୍ଷ ଅଲିମ୍ପିକ୍‌ସ କ୍ରୀଡ଼ା କେଉଁଠାରେ ଆୟୋଜିତ ହୋଇଛି ?**

(i) ଜାପନାର ରାଜଧାନୀ ଟୋକିଓ

(ii) ଜାପନାର ରାଜଧାନୀ ହକାଇଡ଼ୋ

(iii) ଜାପନାର ରାଜଧାନୀ ଅମୋରୀ

(iv) ଜାପନାର ରାଜଧାନୀ ଚିବା

୬. 'ତ୍ରାସ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?

**(i)** ନିର୍ଭୟ

(ii) ଭୟ

(iii) ଆନନ୍ଦ

(iv) ଦୁଃଖ

୭. 'ମଣ୍ଡୂକ' ଶବ୍ଦର ଉପଯୁକ୍ତ ଅର୍ଥ କ'ଣ ହେବ ?

(i) ଛତୁ

(ii) ମେଘ

(iii) ବେଙ୍ଗ

(iv) ବିଜୁଳି

୮. 'ନାତିଦୀର୍ଘ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?

**(i)** ଯାହା ଅତିଦୀର୍ଘ

**(ii)** ଯାହା ଅତିଦୀର୍ଘ ନୁହେଁ

**(iii)** ସୁଦୀର୍ଘ

**(iv)** ବହୁଭାଷୀ

୯. 'ଅବୈତନିକ' ଶବ୍ଦର ଉପଯୁକ୍ତ ଅର୍ଥ କ'ଣ ହେବ ?

**a)** ବେତନ ଦେଇ

**b)** ବେତବାଡ଼ି

**c)** ବୈଶାଖ

**d)** ବେତନ ବିନା

**(i)** କେବଳ (a) ଠିକ୍ ଏବଂ (b) , (d) ଓ (c) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** କେବଳ (d) ଠିକ୍ କିନ୍ତୁ (a) , (b) ଓ (c) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

୧୦. 'ଗରଜି' ଶବ୍ଦର ଗଦ୍ୟରୂପ କ'ଣ ହେବ ?

(i) ଗର୍ଜୀ

(ii) ଗର୍ଯି

(iii) ଗର୍ଜି

(iv) ଗ୍ରର୍ଜି

୧୧. 'ଅଳପ' ଶବ୍ଦର ଗଦ୍ୟରୂପ କ'ଣ ହେବ ?

(i) ଗଳ୍ପ

(ii) ଅଳ୍ପ

(iii) ଅଲ୍‌ପ

(iv) କଳ୍ପ

୧୨. 'ଗ୍ରୀଷମ' ଶବ୍ଦର ଗଦ୍ୟରୂପ କ'ଣ ହେବ ?

(i) ଗ୍ରିଷ୍ମ

(ii) ଗ୍ରୀଶ୍ମ

(iii) ଗ୍ରୀଷ୍ମ

(iv) ଗ୍ରୀସ୍ମ

୧୩. 'ତପତ' ଶବ୍ଦର ଗଦ୍ୟରୂପ କ'ଣ ହେବ ?

a) ଉତ୍ତପ୍ତ

b) ତପ୍

c) ତପ୍ତ

d) ତପ୍ର

**(i)** (a) , (b) , ଓ (d) ଠିକ୍ କିନ୍ତୁ (c) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** କେବଳ (c) ଠିକ୍ କିନ୍ତୁ (a) , (b) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

**୧୪. ଏଣେ ........... ମହୀ ଦିଶି । (ଉପଯୁକ୍ତ ଶବ୍ଦ ଆଧାରରେ ଶୂନ୍ୟସ୍ଥାନ ପୂରଣ କର )**

(i) ପୁରିତ

(ii) ପୂରିତ

(iii) ପୂରୀତ

(iv) ପ୍ରେରିତ

**୧୫. ........... ଶସ୍ୟରାଶି । (ଉପଯୁକ୍ତ ଶବ୍ଦ ଆଧାରରେ ଶୂନ୍ୟସ୍ଥାନ ପୂରଣ କର )**

(i) ନାନା ପକାରେ

(ii) ନାନା ସକ୍ରାରେ

(iii) ନାନା ପ୍ରକାରେ

(iv) ନାନା ଫଳରେ

**୧୬. ୧୯୨୧ ମସିହାରେ ମହାତ୍ମା ଗାନ୍ଧି ପ୍ରଚାର ଉଦ୍ଦେଶ୍ୟରେ ........... କୁ ଆସିଥିଲେ ।**
**(ଉପଯୁକ୍ତ ଶବ୍ଦ ଆଧାରରେ ଶୂନ୍ୟସ୍ଥାନ ପୂରଣ କର )**

(i) କଟକ

(ii) ବାଲେଶ୍ୱର

(iii) ଖୋର୍ଦ୍ଧା

(iv) ପାରଳାଖେମୁଣ୍ଡି

**୧୭. କଠିନ ........... ବଳରେ ସେ ଅଳ୍ପକାଳ ମଧ୍ୟରେ ତୃତୀୟ ଶ୍ରେଣୀ ପାସ୍ କରିଥିଲା ।**
**(ଉପଯୁକ୍ତ ଶବ୍ଦ ଆଧାରରେ ଶୂନ୍ୟସ୍ଥାନ ପୂରଣ କର )**

a) ଅଧ୍ୟବସାୟ

b) ଶକ୍ତି

c) ବକ୍ତୃତା

d) କଥା

**(i)** କେବଳ (a) ଠିକ୍ ଏବଂ (b) , (d) ଓ (c) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** କେବଳ (c) ଠିକ୍ କିନ୍ତୁ (a) , (b) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଭୁଲ୍ ।

୧୮. **'ଭିକାରି' ଶବ୍ଦର ଲିଙ୍ଗ ପରିବର୍ତ୍ତନ କଲେ କ'ଣ ହେବ ?**

(i) ଭିକାରାଇନ
(ii) ଭିକାରିନ୍
(iii) ଭିକାରୁଣୀ
(iv) ଭିକାରିଣୀ

୧୯. **'ପିତାମହୀ' ଶବ୍ଦର ଲିଙ୍ଗ ପରିବର୍ତ୍ତନ କଲେ କ'ଣ ହେବ ?**

a) ପିତାମହିଣୀ
b) ପିତାମହ
c) ପିତୃପ୍ରତିମ
d) ପୈତୃକ

**(i)** କେବଳ (a) ଠିକ୍ ଏବଂ (b) , (d) ଓ (c) ଭୁଲ୍ ।
**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।
**(iii)** ସମସ୍ତ (a) , (b) , (c) ଓ (d) ଠିକ୍ ।
**(iv)** କେବଳ (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

୨୦. **ପ୍ରାଣୀମାନଙ୍କର ଜୀବନ ବୋଲି କବି କାହାକୁ କହିଛନ୍ତି ?**

**(i)** ଜଳ
**(ii)** ପିତାମାତା
**(iii)** ଚାଉଳ
(iv) ବୃକ୍ଷ

୨୧. **'ବର୍ଷା' କବିତାଟି ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ଆନୀତ** ?

**(i)** ନବମ
**(ii)** ଦଶମ
**(iii)** ବିଂଶ
**(iv)** ଏକବିଂଶ

**୨୨. ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?**

**a)** ପୂର୍ବାହ୍ଣରେ

**b)** ସନ୍ଧ୍ୟାବେଳେ

**c)** ମଧ୍ୟାହ୍ନରେ

d) ରାତିରେ

**(i)** (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** ଉଭୟ (c) , (d) ଏବଂ (b) ଠିକ୍ କିନ୍ତୁ (a) ଓ ଭୁଲ୍ ।

**(iv)** (a) , (b) , (c) ଭୁଲ୍ ଓ (d) ଠିକ୍

**୨୩. 'ବର୍ଷା' କବିତାର କବି କେଉଁ ଶତାବ୍ଦୀର କବି ଅଟନ୍ତି** ?

**(i)** ପଞ୍ଚଦଶ ଶତାବ୍ଦୀ

(ii) ଷଡ଼ଶ ଶତାବ୍ଦୀ

(iii) ସପ୍ତଦଶ ଶତାବ୍ଦୀ

(iv) ଅଷ୍ଟଦଶ ଶତାବ୍ଦୀ

**୨୪. ଗ୍ରୀଷ୍ମଋତୁର ପୂର୍ବରୁ କେଉଁ ଋତୁ ଆସେ** ?

**(i)** ବର୍ଷା

**(ii)** ବସନ୍ତ

**(iii)** ଶରତ

**(iv)** ଶୀତ

**୨୫. ମେଘମାନେ କେଉଁଠି ମିଳିତ ହୁଅନ୍ତି ?**

**(i)** ବଣରେ

**(ii)** ନଦୀରେ

**(iii)** ସମୁଦ୍ରରେ

(iv) ଶୂନ୍ୟପଥରେ

**୨୬. ବର୍ଷା ଋତୁକୁ ସକଳ ଋତୁମାନଙ୍କର ସାର ବୋଲି କବି କାହିଁକି କହିଛନ୍ତି ?**

**a)** ବର୍ଷାଋତୁ ଆଗମନରେ ଧରାପୃଷ୍ଠ ଶସ୍ୟ ସମ୍ପଦରେ ପରିପୂର୍ଣ୍ଣ ହୋଇଯାଏ ।

**b)** ପ୍ରାଣୀ ଓ ଉଦ୍ଭିଦ ଜଗତର ଖାଦ୍ୟାଭାବ ଓ ଜଳାଭାବ ଦୂର ହୁଏ ।

**c) ବର୍ଷାଋତୁର ଆଗମନରେ ପୋଖରୀ , ନଦୀ ନିଜର ପୂର୍ଣ୍ଣରୂପ ଫେରିପାଇ ଥାଆନ୍ତି ।**

d) ବର୍ଷାଋତୁର ଆଗମନରେ ଧରାପୃଷ୍ଠ କାନ୍ଦିଉଠେ ।

**(i)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(ii)** ଉଭୟ (c) ଓ (d) ଠିକ୍ କିନ୍ତୁ (b) ଓ (a) ଭୁଲ୍ ।

**(iii)** କେବଳ(d) ଠିକ୍ ଏବଂ (b) , (c) ଓ (a) ଭୁଲ୍ ।

**(iv)** (d) ଭୁଲ୍ କିନ୍ତୁ (a) , (b) ଓ (c) ଠିକ୍ ।

**୨୭. ମୟୂର କାହାକୁ ଚାହିଁ ନୃତ୍ୟ କରେ ?**

**(i)** ନଦୀ

(ii) ମେଘ

(iii) ବିଲ

(iv) ଜଙ୍ଗଲ

**୨୮. ପୃଥିବୀ ସୂର୍ଯ୍ୟଙ୍କ ଉତ୍ତାପରେ କେତେ ମାସ ଉତ୍ତପ୍ତ ଥିଲା ?**

(କ)ପାଞ୍ଚ

(ଖ)ଛଅ

(ଗ)ସାତ

(ଘ)ଆଠ

(i)ଉଭୟ 'କ' , 'ଗ' ଠିକ୍ ଓ 'ଖ' , 'ଘ' ଭୁଲ

(ii)କେବଳ 'ଘ' ଭୁଲ୍ 'କ' , 'ଖ' ,'ଗ' ଠିକ୍

(iii)କେବଳ 'ଘ' ଠିକ୍ ଓ, 'କ' 'ଖ' , 'ଗ' ଭୁଲ୍

(iv)ଉଭୟ 'କ' , 'ଖ' ଠିକ୍ ଓ 'ଗ' ,'ଘ' ଭୁଲ୍

**୨୯. ପାରଳାଖେମୁଣ୍ଡିର ପୁରୁଣା ମାର୍କେଟ ପଡ଼ିଆରେ ଏବେ କ'ଣ ନିର୍ମିତ ହୋଇଛି ?**

(i) ମ୍ୟୁନିସିପାଲ୍ ଟେନିସ୍ ରୁମ୍

(ii) ମ୍ୟୁନିସିପାଲ୍ ଅଡ଼ିଓ ଭିଜିୱାଲ୍ ରୁମ୍

(iii) ମ୍ୟୁନିସିପାଲ୍ ପ୍ଲାନିଙ୍ଗ ରୁମ୍

(iv) ମ୍ୟୁନିସିପାଲ୍ ରିଡ଼ିଙ୍ଗ ରୁମ୍

**୩୦. ଲେଖକ କାହାକୁ ଅନୁରୋଧକରି ଗରିବ ପିଲାଟିର ଖିଆପିଆର ବନ୍ଦୋବସ୍ତ କରିଦେଲେ ?**

(i) ପିତାଙ୍କୁ

(ii) ସାଙ୍ଗସାଥୀଙ୍କୁ

(iii) ରାଧାକାନ୍ତ ମଠର ମହନ୍ତଙ୍କୁ

(iv) ମହାରାଜାଙ୍କୁ

**୩୧. ସତ୍ୟନାରାୟଣ ରାଜଗୁରୁ ଲୋକମାନଙ୍କ ନିକଟରେ କେଉଁଭାବରେ ପରିଚିତ ?**

(i) ରାଜନୈତିକ

(ii) ଐତିହାସିକ ଓ ଲିପିତତ୍ତ୍ୱବିତ୍

(iii) ବୈଜ୍ଞାନିକ

(iv) ଅର୍ଥନୈତିକ

**୩୨. ସତ୍ୟନାରାୟଣ ରାଜଗୁରୁଙ୍କ କେଉଁ ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ?**

(i) କଳିଙ୍ଗର ଆତ୍ମକଥା

(ii) ଓଡ଼ିଆ ଭାଷାର ଉପଭାଷା

(iii) ମୋ ଜୀବନ ସଂଗ୍ରାମ

(iv) ଗଙ୍ଗବଂଶର ଇତିହାସ

**୩୩. ଅନାଥ ଭିକାରି ପିଲାଟିର ବୟସ କେତେ ?**

(i) ଦଶ ବର୍ଷ

(ii) ଏଗାର ବର୍ଷ

(iii) ବାର ବର୍ଷ

(iv) ତେର ବର୍ଷ

**୩୪. ମନୁଷ୍ୟର ଜ୍ଞାନ ସହିତ କ'ଣ ଏକା ସ୍ତରରେ ରହିବା ଆବଶ୍ୟକ ?**

(i) ଧର୍ମ

(ii) କର୍ମ

(iii) ବିଦ୍ୟା

(iv) ବୁଦ୍ଧି

**୩୫. ଭାରତବ୍ୟାପୀ ସ୍ୱାଧୀନତା ଆନ୍ଦୋଳନ କେଉଁ ମସିହାରେ ହୋଇଥିଲା ?**

a) ୧୯୨୦

b) ୧୯୨୧

c) ୧୯୨୨

d) ୧୯୨୫

**(i)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(ii)** ଉଭୟ (c) ଓ (d) ଠିକ୍ କିନ୍ତୁ (b) ଓ (a) ଭୁଲ୍ ।

**(iii)** କେବଳ (b) ଠିକ୍ ଏବଂ (d) , (c) ଓ (a) ଭୁଲ୍ ।

**(iv)** (d) ଭୁଲ୍ କିନ୍ତୁ (a) , (b) ଓ (c) ଠିକ୍ ।

**୩୬. ସତ୍ୟନାରାୟଣ ରାଜଗୁରୁଙ୍କ ଜୀବନର ପ୍ରଥମ ଲକ୍ଷ୍ୟ କ'ଣ ଥିଲା ?**

(i) ବିଦେଶୀଙ୍କ ସେବା

(ii) ଭାରତମାତାର ସେବା

(iii) ଉତ୍କଳମାତାର ସେବା

(iv) ପିତାମହୀଙ୍କ ସେବା

**୩୭. ଅନାଥ ଭିକାରି ପିଲାଟିର ଘର କେଉଁଠି ?**

(i) ପାରଳାଖେମୁଣ୍ଡି

(ii) ଖଲ୍ଲୀକୋଟ

(iii) କଟକ

(iv) ଭଦ୍ରକ

**୩୮. ପାରଳା ଖେମୁଣ୍ଡିର ମହାରାଜା କିଏ ?**

(i) କୃଷ୍ଣଚନ୍ଦ୍ର ଗଜପତି

(ii) ରାମମୋହନ ରାୟ

(iii) କୃଷ୍ଣଚନ୍ଦ୍ର ଭଞ୍ଜ

(iv) ଶ୍ରୀରାମଚନ୍ଦ୍ର ଭଞ୍ଜ

**୩୯. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନରେ ଧାରଣା ପାଇଁ (ଅ) ଏବଂ କାରଣ ନିମନ୍ତେ (ଆ) ଭାବରେ ଚିହ୍ନିତ ଦୁଇଟି ଉକ୍ତି ଅଛି । ନିମ୍ନରେ ଦିଆଯାଇଥିବା କୋଡ୍ ଅନୁଯାୟୀ ନିଜର ଉତ୍ତର ଚିହ୍ନିତ କର :**

**ଧାରଣା (ଅ): ବର୍ଷାଋତୁକୁ ସବୁଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଋତୁ କୁହାଯାଇଛି ।**

**କାରଣ (ଆ) : ବର୍ଷାଋତୁ ଆଗମନରେ ଧରାପୃଷ୍ଠରେ ବନ୍ୟା ପରିଲକ୍ଷିତ ହୁଏ ।**

(i) ଉଭୟ (ଅ) ଏବଂ (ଆ)ସତ୍ୟ ଏବଂ (ଆ) ହେଉଛି (ଅ) ରଠିକ୍ ବ୍ୟାଖ୍ୟା ।

(ii) ଉଭୟ (ଅ) ଏବଂ (ଆ) ସତ କିନ୍ତୁ (ଆ) (ଅ) ର ଠିକ୍ ବ୍ୟାଖ୍ୟା ନୁହେଁ ।

(iii) (ଅ) ସତ କିନ୍ତୁ (ଆ) ମିଥ୍ୟା ଅଟେ ।

(iv) (ଅ) ମିଥ୍ୟା କିନ୍ତୁ (ଆ) ସତ ଅଟେ ।

୪୦. ମାନବ ଜୀବନର ଶୁଭାରମ୍ଭ ଘଟେ କୋମଳ ଶୈଶବରୁ । ଶୈଶବ ହିଁ ଜବନବୀଣାର ଆଦ୍ୟ ଝଙ୍କାର । ଶିଶୁଟିଏ ଭିତରେ ନାଥାଏ କାମନା , ନା ଥାଏ ବାସନା , ନା ଥାଏ ରାଗ , ନା ଥାଏ ରୋଷ , ନା ଥାଏ ଈର୍ଷ୍ୟା ନା ଥାଏ ହିଂସା । ସେ ନିଷ୍ପାପ , ସେ ସରଳ , ସେ ଦୈବ ଶିଶୁ । ପେଟ ପୂରାଇ ଖାଇବା , ଆଉ ଖେଳିବା ହିଁ ଶୈଶବ ଜୀବନର ମାଦକତା । ଆର୍ଥିକ ଅନଟନରେ ବଶବର୍ତ୍ତୀ ହୋଇ କେତେକ ପିତାମାତା , ସେମାନଙ୍କ ସନ୍ତାନଙ୍କ ତୁଣ୍ଡରେ ଉପଯୁକ୍ତ ଆହାର ମୁଠାଏ ଯଥା ସମୟରେ ଦେଇପାରନ୍ତି ନାହିଁ । ଫଳତଃ ସେ ଆହାର ଅନ୍ବେଷଣରେ ନିଜେ ପଦାକୁ ପାଦ ଦିଏ । ଏହିଭଳି ଶିଶୁମାନଙ୍କୁ ସହଯୋଗ କରିବା ଆମର କର୍ତ୍ତବ୍ୟ ।

**ପ୍ରଶ୍ନ : ଶିଶୁଶ୍ରମକୁ କିପରି ରୋକାଯାଇପାରିବ ?**

a) ଏ କ୍ଷେତ୍ରରେ ଜନସଚେତନତା ଆବଶ୍ୟକ ।

b) ଏଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରଚେଷ୍ଟା ଆବଶ୍ୟକ ।

c) ଶିଶୁମାନଙ୍କୁ ଶ୍ରମମୁକ୍ତ କରାଇ ।

d) ଶିଶୁମାନଙ୍କର ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବା ଆବଶ୍ୟକ ।

**(i)** ଉଭୟ (a) ଏବଂ (b) ଠିକ୍ କିନ୍ତୁ (c) ଓ (d) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** ଉଭୟ (c) ଏବଂ (a) ଠିକ୍ କିନ୍ତୁ (b) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

********************